# ଜୋତା ଫିଙ୍ଗା - ସତ୍ୟାଗ୍ରହର ନୂଆ ରୂପ !

**ଦେଶେ ଦେଶେ ଜୋତାଫିଙ୍ଗା-** ୧୫, ଡିସେମ୍ବର ୨୦୦୮, ଯୁକ୍ତରାଷ୍ଟ୍ର ଆମେରିକାର ବିଦାୟୀ ରାଷ୍ଟ୍ରପତି ଜର୍ଜ ବୁଶ୍ ବାଗ୍‌ଦାଦକୁ ଆସିଥିଲେ ଇରାକ୍‌ବାସୀଙ୍କ ଠାରୁ ବିଦାୟ ସମ୍ବର୍ଦ୍ଧନା ନେବା ପାଇଁ, କିନ୍ତୁ ସେ ଭାଷଣ ଦେଉଥିବା ବେଳେ ମୁନ୍ତାଥେର ଜାଇଦି ନାମକ ଜଣେ ସାମ୍ବାଦିକ ହଠାତ୍ ବୁଶ୍‌ଙ୍କୁ ଲକ୍ଷ୍ୟକରି ନିଜର ଜୋତାହଳ ଫିଙ୍ଗିଥିଲେ । ପରେ ଜଣାପଡିଥିଲା, ବୁଶ୍‌ଙ୍କ ଇରାକ୍ ନୀତିରେ ଉତ୍‌କ୍ଷିପ୍ତ ଥିବା ଜାଇଦି ହଠାତ୍ ଭାବବେଗରେ ଏହି କାଣ୍ଡ ଘଟାଇଥିଲେ । ସଙ୍ଗେସଙ୍ଗେ ଗିରଫ ହୋଇଥିବା ଜାଇଦିଙ୍କୁ ବର୍ଷକ ପାଇଁ ଜେଲ୍‌ଦଣ୍ଡ ମିଳିଛି । କିନ୍ତୁ ଅନ୍ୟପକ୍ଷରେ, ଏହି ଘଟଣା ପରେପରେ ସାଧାରଣ ଇରାକୀ ଜନତାଙ୍କ ଦୃଷ୍ଟିରେ ଜାଇଦି ଜଣେ ବିଶିଷ୍ଟ ଦେଶପ୍ରେମୀ ହୋଇଗଲେ, ଜଣେ ବିଶିଷ୍ଟ ଇରାକୀ ନାଗରିକ ତାଙ୍କୁ ଜୋଇଁ କରିବା ପାଇଁ ପ୍ରସ୍ତାବ ଦେଲେ ଓ ସେ ଫିଙ୍ଗିଥିବା ଜୋତାର ନିଲାମ ମୂଲ୍ୟ ଆକାଶ ଛୁଆଁ ହୋଇଗଲା । କେବଳ ସେତିକି ନୁହେଁ, ବୁଶ୍‌ଙ୍କ ଉତ୍ତରାଧିକାରୀ ରାଷ୍ଟ୍ରପତି ଓବାମା ଶପଥଗ୍ରହଣ ଉତ୍ସବ ଦିନହିଁ ତାଙ୍କର ଭାଷଣରେ ଇରାକ୍‌ରୁ ଯଥାଶୀଘ୍ର ଆମେରିକା ସେନାବାହିନୀର ଅପସାରଣ ଏବଂ ଇରାକ୍‌ବାସୀଙ୍କୁ ଆତ୍ମନିୟନ୍ତ୍ରଣର ସଂପୂର୍ଣ୍ଣ ଅଧିକାର ଉପରେ ଗୁରୁତ୍ୱ ପ୍ରଦାନ କଲେ, ଯାହାକି କିଛି ପରିମାଣରେ ଇରାକ୍‌ବାସୀଙ୍କର ଆମେରିକା ବିରୋଧୀ କ୍ରୋଧକୁ ସାମୟିକ ଭାବେ ହେଲେ ବି ପ୍ରଶମନ କରିବାରେ ସମର୍ଥ ହୋଇଥିଲା । କେହି ଖୋଲାଖୋଲି ସ୍ୱୀକାର କରନ୍ତୁ ବା ନାହିଁ, ଜାଇଦିଙ୍କ ଜୋତାଫିଙ୍ଗା ଘଟଣାରୁ ମାର୍କିନ ପ୍ରଶାସନ ଇରାକୀ ଜନତାଙ୍କର ଆମେରିକା ବିରୁଦ୍ଧରେ ଚାପା ଅସନ୍ତୋଷକୁ ଭଲଭାବେ ଠଉରାଇ ପାରିଥିଲେ । ଏହାର ପ୍ରାୟ ଦେଢ଼ ମାସ ପରେ, ଗତ ୨ ଫେବୃଆରିରେ ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଚୀନ୍ ପ୍ରଧାନମନ୍ତ୍ରୀ ଜିଆବାଓ ବିଶ୍ୱ ଅର୍ଥନୀତି ଉପରେ ଭାଷଣ ଦେଉଥିବା ବେଳେ ଚୀନ୍ ସରକାରଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନର ପ୍ରତିବାଦ କରି ଜଣେ ବ୍ୟକ୍ତି ତାଙ୍କ ଉପରକୁ ଜୋତା ଫିଙ୍ଗିଥିଲେ । ପାଲେଷ୍ଟାଇନ୍ ଉପରେ ଇସ୍ରାଏଲ୍‌ର ବୋମାମାଡକୁ ପ୍ରତିବାଦ କରି ୬ ଫେବୃଆରିରେ ସୁଇଡେନ୍‌ର ରାଜଧାନୀ ଷ୍ଟକ୍‌ହୋମ୍ ଠାରେ ଇସ୍ରାଏଲ୍ ରାଷ୍ଟ୍ରଦୂତଙ୍କ ଉପରକୁ ତଥା ୨୫ ଫେବୃଆରିରେ ହଲାଣ୍ଡର ରାଜଧାନୀ ଆମଷ୍ଟରଡାମ୍ ଠାରେ ଇସ୍ରାଏଲ୍ ସାମରିକ ମୁଖପାତ୍ରଙ୍କ ଉପରକୁ ଛାତ୍ରମାନେ ଜୋତା ନିକ୍ଷେପ କରି ଗିରଫ ହୋଇଛନ୍ତି । ଏତ ଗଲା ସିଧାସଳଖ ରାଜନେତା ମାନଙ୍କ ଉପରକୁ ଜୋତାଫିଙ୍ଗା ଘଟଣା । ଏହାଛଡ଼ା, ଜନସମାବେଶରେ ନେତାମାନଙ୍କର ପୁତ୍ତଳିକା ଉପରେ ଜୋତାମାଡ କରିବା ମଧ୍ୟ ଲୋକପ୍ରିୟ ହେବାରେ ଲାଗିଛି । ଚଳିତ ବର୍ଷ ୩ ଜାନୁଆରୀରେ ବସ୍ନିଆର ସାରାଜେଭୋ ଠାରେ ଲୋକମାନେ ଏକାଠି ହୋଇ ଦେଶର ବିଶିଷ୍ଟ ରାଜନେତାମାନଙ୍କ ପୁତ୍ତଳିକା ପ୍ରତି ଜୋତାଫିଙ୍ଗି ନୂଆବର୍ଷର ଉପହାର ଦେଇଥିଲେ । ଇସ୍ରାଏଲ୍‌ର ପାଲେଷ୍ଟାଇନ୍-ବିରୋଧୀ ଯୁଦ୍ଧାଭିଯାନକୁ ନିନ୍ଦାକରି ଦକ୍ଷିଣ କୋରିଆରେ ଇସ୍ରାଏଲ୍ ଦୂତାବାସ ଉପରକୁ ତଥା ଇଣ୍ଡୋନେସିଆରେ ଆମେରିକାର ରକ୍ଷାମନ୍ତ୍ରୀ ହିଲାରୀ କ୍ଲିଣ୍ଟନ୍‌ଙ୍କ ଗସ୍ତବେଳେ ତାଙ୍କ ପୁତ୍ତଳିକା ଉପରକୁ ବିକ୍ଷୋଭକାରୀ ମାନେ ଜୋତାମାଡ କରିଛନ୍ତି । ୨୦୦୮ ମସିହାରେ ତିବତ୍‌ର ଲାସା ଉପରେ ଚୀନ୍‌ର ସାମରିକ ଅଭିଯାନ ଓ ବ୍ୟାପକ ନରସଂହାର ବିରୁଦ୍ଧରେ ପ୍ରତିବାଦ କରି ଗତ ଏପ୍ରିଲ୍ ମାସରେ ଦିଲ୍ଲୀରେ ଚୀନ୍ ଦୂତାବାସ ସାମନାରେ ଏକ ଜୋତାଫିଙ୍ଗା ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଉଲ୍ଲେଖନୀୟ ଯେ, ଯେଉଁମାନେ ଖୋଦ୍ ରାଜନେତାଙ୍କ ଉପରକୁ ଜୋତା ଫିଙ୍ଗିଛନ୍ତି, କେବଳ ସେହିମାନଙ୍କ ବିରୁଦ୍ଧରେ ଗିରଫଦାରୀ ଓ କାନୁନୀ କାର୍ଯ୍ୟାନୁଷ୍ଠାନ ହୋଇଛି, ପୁତ୍ତଳିକା ଉପରକୁ ଜୋତା ନିକ୍ଷେପକାରୀଙ୍କ ବିରୁଦ୍ଧରେ ନୁହେଁ । କାରଣ, ସର୍ବସାଧାରଣଙ୍କ ସମ୍ମୁଖରେ ରାଜନେତାମାନଙ୍କ ପୁତ୍ତଳିକାର ଶବଦାହ କରିବା ବା ଗୋଇଠା ମାରିବା ବହୁ ଦେଶରେ ଅତୀତରୁ ବହୁ କାଳ ଧରି ଏକ ଦେହସୁହା ପରମ୍ପରାରେ ହୋଇସାରିଛି; ଏପରିକି ନେତାମାନେ ଭାଷଣ ଦେଉଥିବା ବେଳେ କିଛି ଶ୍ରୋତା ଉଠିପଡି ସ୍ଲୋଗାନ୍ ଦେଇ ସଭା ବର୍ଜନ କରିବା ଏବଂ ସଭାକୁ ଭଣ୍ଡୁର କରିବାର ନଜିର୍ ଅହ୍ଵବହୁତ ବିଭିନ୍ନ ଦେଶରେ ଚଳିଆସୁଛି । କିନ୍ତୁ ଜଣେ ବ୍ୟକ୍ତି ଏକୁଟିଆ ହେଲେ ବି ସମସ୍ତଙ୍କ ସାମନାରେ ଠିଆ ହୋଇ ନେତାଙ୍କୁ ଭର୍ତ୍ସନା କରିବା ସହିତ ଜୋତା ଫିଙ୍ଗିବା ଏକ ପୁରାପୁରି ନିଆରା ଓ ନୂଆ ପରମ୍ପରା ।

**ଭାରତରେ ଜୋତାଫିଙ୍ଗା-** ବଡ ମଜାର ବିଷୟ, ଯେତେବେଳେ ବୁଶ୍‌ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଦେଶୀ ନେତାଙ୍କ ବିରୁଦ୍ଧରେ ଜୋତାଫିଙ୍ଗା ଘଟଣା ଗୋଟିକ ପରେ ଗୋଟିଏ ଘଟି ଚାଲୁଥିଲା, ଭାରତର ନେତାମାନେ ମୋଟ୍ ଉପରେ ଚୁପ୍ ରହିଥିଲେ, ବରଂ ଭିତରେ ଭିତରେ ଖୁସି ହେଉଥିଲେ । କିନ୍ତୁ ଭାରତରେ ଯେତେବେଳେ ନିର୍ବାଚନୀ ପ୍ରଚାର ସମୟରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନେତାଙ୍କ ଉପରକୁ ଲଗାତାର ଜୋତାଫିଙ୍ଗା ଘଟିଚାଲିଲା, ସେତେବେଳେ ସବୁ ଦଳର ନେତାମାନେ ଏବଂ ବହୁ ବୁଦ୍ଧିଜୀବି ଜୋତାଫିଙ୍ଗିବା ଭାରତୀୟ ସଂସ୍କୃତିର ବିରୋଧୀ ବୋଲି କହି ସମସ୍ୱରରେ ନିନ୍ଦାବାଦ କଲେ । ଏଠାରେ ଉଲ୍ଲେନୀୟ ଯେ, ଭାରତରେ ପ୍ରଥମେ ଗତ ୭ ଏପ୍ରିଲ୍‌ରେ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାଷଣରତ କଂଗ୍ରେସ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ପ.ଚିଦାମ୍ବରମ୍‌ଙ୍କ ଉପରେ ଶିଖ୍ ଯୁବକ ଜର୍ଣ୍ଣେଲ୍ ସିଂ ୧୯୮୪ ମସିହାର ଶିଖ୍-ବିରୋଧୀ ଦଙ୍ଗାରେ ଅଭିଯୁକ୍ତ ଜଗଦୀଶ୍ ଟାଇଟଲର୍ ଏବଂ ସଜ୍ଜନ କୁମାରଙ୍କୁ ନିର୍ଦ୍ଦୋଷ ବୋଲି ସି.ବି.ଆଇ. ଦର୍ଶାଇଥିବାର ପ୍ରତିବାଦ କରି ନିଜର ଜୋତା ଫିଙ୍ଗିଥିଲେ । କିଛି ସମୟ ପୋଲିସ୍ ହେପାଜତ୍‌ରେ ରହିବା ପରେ ଶ୍ରୀ ସିଂ ଛାଡ ପାଇଥିଲେ । ପୋଲିସ୍ ଦ୍ୱାରା ପଚରାଉଚୁରା ଭିତରେ ଶ୍ରୀ ସିଂ ବୟାନ ଦେଇଥିଲେ ଯେ ଜୋତାଫିଙ୍ଗି ଚିଦାମ୍ବରମ୍‌ଙ୍କୁ ଆଘାତ କି ଅପମାନିତ କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା, କିନ୍ତୁ ଶିଖ୍‌ବିରୋଧି ଦଙ୍ଗାରେ ଜଡିତ କୌଣସି ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ଦଣ୍ଡବିଧାନ କରାନଯିବା ପ୍ରସଙ୍ଗ ତାଙ୍କୁ ସାମୟିକ ଭାବେ ଉଦ୍‌ବେଳିତ କରିଥିଲା । ଏହି ଘଟଣାର ପ୍ରଭାବ ସୁଦୂରପ୍ରସାରୀ ଥିଲା । ସଙ୍ଗେ ସଙ୍ଗେ ଶିରୋମଣି ଅକାଳୀ ଦଳ ଶ୍ରୀ ସିଂଙ୍କୁ ଏକ ବିଶିଷ୍ଟ ବ୍ୟକ୍ତିର ମାନ୍ୟତା ଦେଇ ୨ଲକ୍ଷ ଟଙ୍କା ଉପହାର ଦେଇଥିଲେ ଏବଂ ପଞ୍ଜାବ ବନ୍ଦ କରାଇଥିଲେ । ବଢ଼ନ୍ତି ଜନପ୍ରତିବାଦ ସାମନାରେ ଅନନ୍ୟୋପାୟ କଂଗ୍ରେସ ନେତୃତ୍ୱ ଜଗଦୀଶ୍ ଟାଇଟଲର୍ ଏବଂ ସଜ୍ଜନ କୁମାରଙ୍କ ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ରକୁ ପ୍ରତ୍ୟାହାର କରିଥିଲେ । ସମୁଦାୟ ଘଟଣାରୁ ଅନ୍ତତଃ ଏତିକି କଥା ସ୍ପଷ୍ଟ ହୋଇଗଲା, ଗତ ୨୫ବର୍ଷ ଧରି ସରକାର ଓ ନ୍ୟାୟାଳୟରୁ ଶିଖ୍ ଜାତି ଯେଉଁ ନ୍ୟାୟ ପାଇ ପାରିନଥିଲେ, ତାହାର ଅନ୍ତତଃ କିୟଦଂଶ ଜର୍ଣ୍ଣେଲ୍ ସିଂଙ୍କ ଆକସ୍ମିକ, ଦୁଃସାହସିକ ଜୋତାଫିଙ୍ଗା ଫଳରେ ହାସଲ ହୋଇପାରିଲା । ଏହି ଘଟଣା ସମଗ୍ର ଭାରତବର୍ଷ ପାଇଁ ଜନପ୍ରତିବାଦର ଏକ ନୂଆ ପରମ୍ପରାକୁ ଜନ୍ମ ଦେଲା । ଏହାପରେ ଏପ୍ରିଲ ୧୦ରେ ହରିଆନାର କୁରୁକ୍ଷେତ୍ର ଠାରେ ଏକ ନିର୍ବାଚନୀ ସଭା ଚାଲୁଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ରାମ କୁମାର ବର୍ତ୍ତମାନର ନିକମ୍ମା ପ୍ରଶାସନ ବିରୁଦ୍ଧରେ ନିଜର ରୋଷ ପ୍ରକାଶ କରି କଂଗ୍ରେସ ସାଂସଦ ନବୀନ ଜିନ୍ଦଲ୍‌ଙ୍କ ଉପରକୁ ଜୋତା ଫିଙ୍ଗିଥିଲେ । ସଙ୍ଗେସଙ୍ଗେ 'ଡୋଡୋ ବୁକ୍‌ସ' ନାମକ ଏକ ପ୍ରକାଶନୀ ସଂସ୍ଥା ତାଙ୍କୁ ଏକ ନିୟୁତ ଆମେରିକୀୟ ଡଲାର୍ ବଦଳରେ ନିଜର ଏତାଦୃଶ ଅଭିଜ୍ଞତାକୁ ଏକ ବହି ଆକାରରେ ଲେଖିବା ପାଇଁ ଅନୁରୋଧ ଜଣାଇଛନ୍ତି ତଥା ବିଶିଷ୍ଟ ସୁରା ବ୍ୟବସାୟୀ ବିଜୟ ମାଲ୍ୟା ତାଙ୍କୁ ବାଙ୍ଗାଲୋର ରୟାଲ୍ ଚାଲେଞ୍ଜର ଅଗ୍ରଣୀ ଜନଦୂତ ହେବା ପାଇଁ ଅନୁରୋଧ ଜଣାଇଛନ୍ତି ତଥା ଇଂଲଣ୍ଡର ଚାନେଲ୍-୪ ତାଙ୍କୁ ଆଗାମୀ 'ବିଗ୍ ବ୍ରଦର୍' ପ୍ରଦର୍ଶନୀରେ ସ୍ଥାନ ଦେବାପାଇଁ ପ୍ରସ୍ତାବ ଦେଇଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ମନମୋହନଙ୍କ ଉପରେ ଅହମଦାବାଦ ଠାରେ ଜଣେ ୨୧ବର୍ଷର ଇଞ୍ଜିନିଅରିଂ ଛାତ୍ର ହିତେଷ ଚୌହାନ୍ 'ମିଛ କହିବା ବନ୍ଦ କର' ଧ୍ୱନି ଦେଇ ଜୋତା ଫିଙ୍ଗିଥିଲେ । ପ୍ରଧାନମନ୍ତ୍ରୀ ପଦପାଇଁ ବି.ଜେ.ପି. ପ୍ରତ୍ୟାଶୀ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ଉପରେ ମଧ୍ୟପ୍ରଦେଶର କଟ୍‌ନି ଠାରେ ପାୟସ ଅଗ୍ରୱାଲ୍ ନାମକ ତାଙ୍କ ଦଳର ଜଣେ କାର୍ଯ୍ୟକର୍ତ୍ତା କଠଉ ଫିଙ୍ଗିବା ବେଳେ କହିଥିଲେ, 'ଏମିତି ଲୌହପୁରୁଷ ଆମର ଦରକାର ନାହିଁ, ଯେ କି ଦେଶର କୌଣସି ଗୋଟିଏ କାର୍ଯ୍ୟ ପାଇଁ ଅଯୋଗ୍ୟ' । ଗୁଜୁରାତର ଅହମଦାବାଦ ଠାରେ ତାଙ୍କର ହିନ୍ଦୁତ୍ୱ ପରିବାର ସହିତ ସଂପୃକ୍ତ ଥିବା ଜଣେ ଦାଢ଼ିମାନ୍

ଗୈରିକ-ବେଶୀ ସାଧୁଙ୍କ ଦ୍ୱାରା ଜୋତାଫିଙ୍ଗା ଉଦ୍ୟମ ହୋଇଥିଲା । ଏହାଛଡା କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଡୁରାପ୍ପାଙ୍କ ଉପରେ ବିଜେପିର ନିର୍ବାଚନୀ ସଭା ସମୟରେ ଜୋତାଫିଙ୍ଗା ଘଟଣା ଘଟିସାରିଛି । କେବଳ ରାଜନେତା ନୁହଁନ୍ତି, ଅଭିନେତା ମଧ୍ୟ ଜୋତାଫିଙ୍ଗା ଉପଦ୍ରବରୁ ରକ୍ଷା ପାଇନାହାନ୍ତି । ମୁମ୍ବାଇର ଧୁଳେ ନିର୍ବାଚନ ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଅମରୀଶ୍ ପଟେଲ୍‌ଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କଲାବେଳେ ଅଭିନେତା ଜୀତେନ୍ଦ୍ରଙ୍କ ଉପରକୁ ଚପଲମାଡ ହୋଇଛି ।

**ଭାରତୀୟ ସଂସ୍କୃତିରେ ଜୋତାଫିଙ୍ଗା-** ଭାରତରେ ଗୋଟାକ ପରେ ଗୋଟାଏ ଜୋତାଫିଙ୍ଗା ଘଟଣା ପରେ ବର୍ତ୍ତମାନ ସବୁ ରାଜନୈତିକ ଦଳ ସମସ୍ୱରରେ ଏହାକୁ ନିନ୍ଦନୀୟ ଏବଂ ଭାରତର ସଂସ୍କୃତି ବିରୋଧୀ ବୋଲି କହୁଛନ୍ତି । କିନ୍ତୁ ସମସ୍ତେ ଜାଣନ୍ତି, ଏ ଦେଶର ସାଧାରଣ ଲୋକେ ଧୋକାବାଜ୍‌ମାନଙ୍କୁ ସର୍ବସାଧାରଣରେ ଜୋତାରେ ପିଟିବା କଥା କହିଥାନ୍ତି । କି ସହର କି ମଫସଲ, ସବୁଠି ଝିଅମାନେ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ପୁଅମାନଙ୍କୁ ଚପଲ୍ ବା ହାଇହିଲ୍‌ରେ ପିଟିବା ପାଇଁ ଡରାଇଥାନ୍ତି ଏବଂ ଅନେକ ସ୍ଥଳରେ ପିଟିଥାନ୍ତି ମଧ୍ୟ ।  ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଔପନ୍ୟାସିକ ଦୀନବନ୍ଧୁ ମିତ୍ରଙ୍କ ଦ୍ୱାରା ଲିଖିତ 'ନୀଳଦର୍ପଣ' ମଞ୍ଚସ୍ଥ ହେଉଥିବା ବେଳେ ତଦାନୀନ୍ତନ ସମାଜ-ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦- ୧୮୯୧) ଜଣେ ପୁରୁଷ ଦ୍ୱାରା ଗୋଟିଏ ନାରୀକୁ ନିଷ୍ଠୁର ନିର୍ଯ୍ୟାତନା ଦିଆଯାଉଥିବାର କରୁଣ ଦୃଶ୍ୟ ଦେଖି ଏମିତି କ୍ରୋଧାନ୍ୱିତ ହୋଇପଡିଥିଲେ ଯେ, ସେ ହଠାତ୍ ନିଜର ଜୋତା ବାହାର କରି ଅଭିନେତାଙ୍କ ଉପରକୁ ଫିଙ୍ଗିଥିଲେ ଏବଂ ଅଭିନେତା ଜଣକ ସଙ୍ଗେସଙ୍ଗେ ସେହି ଜୋତାକୁ ତଳୁ ଉଠାଇ ନିଜ ମୁଣ୍ଡରେ ଲଗାଇଥିଲେ । କାରଣ ତାଙ୍କର ଅଭିନୟ ଯେ ମର୍ମସ୍ପର୍ଶୀ ହୋଇଛି, ତାହାର ଅକାଟ୍ୟ ପ୍ରମାଣ ଜଣେ ଦର୍ଶକଙ୍କ ଜୋତାଫିଙ୍ଗା ଛଡା ଆଉ କ'ଣ ଥାଇପାରେ ?  ଏଠାରେ ପୁଣି ପ୍ରଶ୍ନ ଉଠୁଛି, ଯେଉଁ ରାଜନେତା ମାନେ ପ୍ରବୁଦ୍ଧ ଦାର୍ଶନିକ ଭଳି କହୁଛନ୍ତି ଜୋତାପିଟା ଆମ ସଂସ୍କୃତିରେ ନାହିଁ, ସେମାନେ ସଂସଦ ବା ବିଧାନସଭା ଭିତରେ ଯେଉଁ ଆଚରଣ ଦେଖାନ୍ତି, ତାହା କ'ଣ ଭାରତୀୟ ସଂସ୍କୃତିରେ ଅଛି – ଯଥା ଚେୟାର ଫିଙ୍ଗା, ମୁଥ ମରାମରି, ମାଇକ୍ ଭଙ୍ଗା, ଅଶ୍ଳୀଳ ଗାଳିଗୁଲଜ, ବାଚସ୍ପତିଙ୍କ ଟେବୁଲ୍‌ରେ ନୃତ୍ୟ କରିବା ଓ ଆହୁରି ସାଂଘାତିକ ଅନେକ କିଛି । ଏବଂ ଆହୁରି ବଡ ବିଡମ୍ବନା ହେଉଛି, ସେମାନେ ଆଇନ୍‌ସଭାର 'ସ୍ୱାଧିକାର' ନାଁରେ ସଂସଦ ଓ ବିଧାନସଭା ଭିତରେ ଏହିସବୁ ଦୁରାଚରଣ କରିବା ପାଇଁ ଅଖଣ୍ଡ ସ୍ୱାଧୀନତା ଉପଭୋଗ କରିଥାନ୍ତି । ପୁଣି ବାହାରକୁ ଯେତେବେଳେ ଆସନ୍ତି, ସେମାନଙ୍କ ସହିତ ସରକାରୀ ଅର୍ଥବ୍ୟୟରେ କମାଣ୍ଡୋ ଓ ସୁରକ୍ଷାକର୍ମୀ ମୁତୟନ ଥାଆନ୍ତି ଏବଂ ଦଳୀୟ କର୍ମୀମାନେ ଚାରିପଟେ ବେଢିଥାନ୍ତି, ଯାହା ଫଳରେ ସାଧାରଣ ଲୋକେ ସେମାନଙ୍କ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷକୁ ବାଚନିକ ତର୍କବିତର୍କ ମାଧ୍ୟମରେ ପ୍ରକାଶ କରିବା ପାଇଁ ଏକ ସ୍ୱାଭାବିକ ପରିବେଶ ନଥାଏ । ସୁତରାଂ, ପାଞ୍ଚବର୍ଷରେ ଥରେ ଯେତେବେଳେ ସେହି ନେତାଏ ଲୋକଙ୍କ ପାଖକୁ ନିଜ ନେତାଗିରିର ଲାଇସେନ୍ସକୁ ନବୀକରଣ ପାଇଁ ଭୋଟ୍ ମାଗିବାକୁ ଯାଉଛନ୍ତି, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଲୋକେ ସେମାନଙ୍କର ଯାବତୀୟ ଅସନ୍ତୋଷ ପ୍ରକାଶ କରିବାର ଉପଯୁକ୍ତ ମାଧ୍ୟମ ଚୟନ କରିବେ । ଯଦି ପ୍ରାର୍ଥୀ ନିଜେ ଘରଘର ବା ଗାଁଗାଁ ବୁଲନ୍ତେ ତେବେ ଲୋକେ ସିଧାସଳଖ ସେମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ସ୍ୱାଭାବିକ ଭାବେ ଆଲୋଚନା କରନ୍ତେ । କିନ୍ତୁ ଦେଖାଯାଉଛି, ନେତାମାନେ ତାହା ନକରି ସରକାରୀ ସୁରକ୍ଷା ବଳୟ ଭିତରେ ଏବଂ ବହୁ ଅର୍ଥବ୍ୟୟରେ ଆୟୋଜିତ ବଡବଡ ଦଳୀୟ ଜନସଭାରେ ନିଜ ଦଳ ଓ ପ୍ରାର୍ଥୀତ୍ୱ ସପକ୍ଷରେ ଉଦ୍‌ବୋଧନ ଦେଉଛନ୍ତି ଏବଂ କି ସରକାରୀ କି ବେସରକାରୀ ସମସ୍ତ ଗଣମାଧ୍ୟମ ସେମାନଙ୍କର ଫଟୋ ଓ ବକ୍ତବ୍ୟକୁ ବେଶ୍ ପ୍ରାଧାନ୍ୟ ଦେଇ ଛାପୁଛନ୍ତି । ଏ ପ୍ରକାର ଏକପାଖିଆ ସ୍ଥିତିରେ ଲୋକମାନେ ନେତାମାନଙ୍କୁ ସିଧାସଳଖ ପ୍ରଶ୍ନ କରିବା ବା ନିଜର ବକ୍ତବ୍ୟ ଶୁଣେଇବାର ଅବକାଶ ମୋଟେ ନାହିଁ । ଏପ୍ରକାର ଅଭାବନୀୟ ସ୍ଥିତି ହିଁ ହେଉଛି ନେତାମାନଙ୍କ ଉପରକୁ ଜନତାର ଜୋତାଫିଙ୍ଗା ପ୍ରୟାସର ଅସଲ ଐତିହାସିକ ପୃଷ୍ଠଭୂମି ।

**ସତ୍ୟାଗ୍ରହର ନୂଆ ଅସ୍ତ୍ର-** ଯେପରି ଜଣେ ଖାଉଟୀ ସବୁବେଳେ ଶସ୍ତା, ସୁନ୍ଦର ଓ ମଜଭୁତ୍ ସାମଗ୍ରୀ ଖୋଜୁଥାଏ, ସେପରି ସାଧାରଣ ଜନତା ପ୍ରତିଷ୍ଠିତ ବ୍ୟବସ୍ଥାର ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ପ୍ରତିବାଦ ଜଣାଇବାର ସବୁଠୁଁ ସରଳ ଅଥଚ ଫଳପ୍ରଦ ମାଧ୍ୟମ ସର୍ବଦା ଅନ୍ୱେଷଣ କରୁଥାନ୍ତି । ଇଂରେଜ ଶାସନ ଅମଳରେ ସତ୍ୟାଗ୍ରହୀମାନେ ସଭା, ଶୋଭାଯାତ୍ରା, କଳଲୁଗା ପୋଡିବା, ଖଜଣା ନଦେବା, ଅଫିସ୍-ଅଦାଲତକୁ ବୟକଟ୍, କାର୍ଯ୍ୟବନ୍ଦ ଆନ୍ଦୋଳନ ଇତ୍ୟାଦି ସହିତ ଜେଲ୍ ଭିତରେ ଓ ବାହାରେ ଅନଶନ ଓ ବିଭିନ୍ନ ପ୍ରକାର ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ନିଜର ପ୍ରତିବାଦ ପ୍ରକଟ କରୁଥିଲେ । ଏହାଛଡା  ବିପ୍ଳବୀ ଗୋଷ୍ଠୀ ଆଇନ୍‌ସଭା ଭିତରେ ବୋମାନିକ୍ଷେପ, ଇଂରେଜ ଅଫିସର୍‌ଙ୍କ ଉପରେ ଗୁଳିମାଡ ଓ ସେମାନଙ୍କ ଅସ୍ତ୍ରାଗାର ଲୁଣ୍ଠନ ଓ ଥାନା ପୋଡି ଇତ୍ୟାଦି ମାଧ୍ୟମରେ ନିଜର ଆପୋଷହୀନ ବିରୋଧ ପ୍ରକଟ କରୁଥିଲେ । ସ୍ୱାଧୀନତା ପରେ ଦେଖାଗଲା, ପ୍ରତିବାଦ ଜଣାଇବାର ଉପରୋକ୍ତ ମାଧ୍ୟମଗୁଡିକ ଅଳ୍ପବହୁତ ବଜାୟ ରହିଲା, ଏବଂ ଆଉ କେତୋଟି ନୂଆ ମାଧ୍ୟମ ମଧ୍ୟ ଲୋକପ୍ରିୟ ହେବାକୁ ଲାଗିଲା, ଯେପରି କି ରାସ୍ତା-ଅବରୋଧ, ରେଳ-ଅବରୋଧ, ଅଫିସ୍ ଘେରାଉ, ରାଜ୍ୟ ବନ୍ଦ ଓ ଭାରତ ବନ୍ଦ, ଗଣ-ଛୁଟି, କଲମ-ବନ୍ଦ ଇତ୍ୟାଦି । ଏହାଛଡା ବିକ୍ଷୋଭକାରୀମାନଙ୍କ ଦ୍ୱାରା ବସ୍‌ପୋଡି, ଅଫିସ୍ ଭଙ୍ଗାରୁଜା ଓ ଅଧିକାରୀଙ୍କୁ ମାଡ ମଧ୍ୟ ବହୁଳ ଭାବେ ପ୍ରୟୋଗ ହୋଇଚାଲିଲା । ଅନ୍ୟପଟରେ ନକ୍ସଲପନ୍ଥୀ ଓ ମାଓବାଦୀ ମାନଙ୍କ ଦ୍ୱାରା ଶାସକ ଓ ଶୋଷକଙ୍କ ବିରୁଦ୍ଧରେ ବିଭିନ୍ନ ଚରମପନ୍ଥୀ କାର୍ଯ୍ୟକ୍ରମ ବଜାୟ ରହିଆସିଛି । କିନ୍ତୁ ତଥାପି, ପ୍ରତିଷ୍ଠିତ ବ୍ୟବସ୍ଥାର ସଂସ୍କାର ହେବା ପରିବର୍ତ୍ତେ ଦିନକୁ ଦିନ ଅଧିକ ଅବକ୍ଷୟମୁଖୀ ହେବାରେ ଲାଗିଛି । ଆନ୍ଦୋଳନକାରୀମାନେ ହିଂସାକାଣ୍ଡ ଘଟାଉଛନ୍ତି ବୋଲି କାରଣ ଦର୍ଶାଇ ପୋଲିସ୍-ପ୍ରଶାସନ ତରଫରୁ ସେମାନଙ୍କୁ ଜେଲ୍ ଦିଆଯାଉଛି, ଏବଂ ସାଧାରଣ ଲୋକେ ନିଜର ସମୟ ଓ ଶକ୍ତି ଅଭାବରୁ ସେହିସବୁ ଆନ୍ଦୋଳନ ଠାରୁ ଆସ୍ତେଆସ୍ତେ ନିରାପଦ ଦୂରତ୍ୱ ରଖୁଛନ୍ତି । ଏହିଭଳି ଏକ ଘଡିସନ୍ଧିରେ ଉଭା ହୋଇଛି ପ୍ରତିବାଦର ଏକ ସହଜ ଓ ଅହିଂସ ଉପାୟ- ଶାସନ ଓ ଶୋଷଣକୁ ପ୍ରତିନିଧିତ୍ୱ କରୁଥିବା ରାଜନେତା ବା ଉଚ୍ଚ ପ୍ରଶାସକଙ୍କ ଉପରକୁ ଜନତାର ଜୋତା ନିକ୍ଷେପ । ଦେଖିବାକୁ ଗଲେ, ଯଦି ଜୋତା ଫିଙ୍ଗାକୁ ପ୍ରତିବାଦର ପ୍ରତୀକ ଭାବେ ଆମେ ପ୍ରୟୋଗ କରିବା, ତେବେ ଯାହାଙ୍କ ଉପରକୁ ଏହା ଫିଙ୍ଗାଯିବ, ତାଙ୍କର ଶାରିରୀକ କ୍ଷତି ଘଟିବାର ପ୍ରଶ୍ନ ଉଠିବନି । ଏଥିପାଇଁ କୌଣସି ବ୍ୟୟବହୁଳ ବା ସମୟସାପେକ୍ଷ ପୂର୍ବ-ପ୍ରସ୍ତୁତିର ଆବଶ୍ୟକ ନାହିଁ । କେବଳ ଜଣେ ବ୍ୟକ୍ତିର ଅନ୍ତଃପ୍ରେରଣା, ସଂକଳ୍ପ ଏବଂ ସାହାସ ଯଥେଷ୍ଟ । ଏହି ଆତ୍ମିକ ବଳ ତାଙ୍କ ଭିତରେ ସହଜରେ ସୃଷ୍ଟିହୋଇ ପାରିବ, ଯଦି ସେ ଭାବନ୍ତି ଯେ, ତାଙ୍କ ଦ୍ୱାରା ଜୋତାଫିଙ୍ଗା ଏକ ମହନୀୟ ଓ ନୀତିସମ୍ମତ କାର୍ଯ୍ୟ, କାରଣ ଏହାଫଳରେ ଏକ ବୃହତ୍ତର, ସମୂହ କଲ୍ୟାଣ ସାଧନ ହେବାକୁ ଯାଉଛି । ସୁତରାଂ ଗୋଟିଏ ପଟରେ ପ୍ରତିପକ୍ଷର ଭର୍ତ୍ସନା ଛଡା ଅନ୍ୟ କୌଣସି ଶାରିରୀକ କ୍ଷତି ଘଟିବ ନାହିଁ, କି କୌଣସି ଧନଜୀବନ ନଷ୍ଟ ହେବନି ଏବଂ ଅନ୍ୟ ପକ୍ଷରେ ମୋର ଏହି କାର୍ଯ୍ୟ ଦ୍ୱାରା ମୋର କୌଣସି ବ୍ୟକ୍ତିଗତ ଫାଇଦା ହେବନାହିଁ ଅଥଚ ବୃହତ୍ତର ସମାଜ ଉପକୃତ ହେବ- ଏହାହିଁ ତ ଅହିଂସ ସତ୍ୟାଗ୍ରହର ଅସଲ ଉଦ୍ଦେଶ୍ୟ । ପୁଣି ମୁଁ ଖୋଲାଖୋଲି ଜୋତା ଫିଙ୍ଗି ପୋଲିସ୍ ଦ୍ୱାରା ଗିରଫ ହେବାକୁ ପ୍ରସ୍ତୁତ ଅଛି – ଏହାହିଁ ତ ସତ୍ୟାଗ୍ରହୀର ଅସଲ ଲକ୍ଷଣ !  ସର୍ବୋପରି, ଏ ପ୍ରକାର ସତ୍ୟାଗ୍ରହ ଧନୀଗରିବ ନିର୍ବିଶେଷରେ ସମସ୍ତେ ପ୍ରୟୋଗ କରି ପାରିବେ, କାରଣ ଏଥିପାଇଁ ଯେଉଁ ସମ୍ବଳ ଆବଶ୍ୟକ, ତାହା ହେଉଛି ହଳେ ଜୋତା ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 2nd May 2009